# NATIONAL NEWS BULLETIN (ODIA)

## 3 November - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଭାରତର ମହାନ ବ୍ୟକ୍ତିତ୍ୱମାନେ ମାନବ ସଂସ୍କୃତିର ବିକାଶରେ ଅମୂଲ୍ୟ ଅବଦାନ ପ୍ରଦାନ କରିଛନ୍ତି, କହିଲେ ରାଷ୍ଟ୍ରପତି ।
- ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ନବସୃଜନ ସମ୍ମିଳନୀକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଶ୍ରୀହରିକୋଟା ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସଫଳତାର ସହ ଉତ୍କ୍ଷେପଣ ହେଲା ଯୋଗାଯୋଗ ଉପଗ୍ରହ 'ସି.ଏମ୍.ଏସ୍. ଜିରୋ-ଥ୍ରୀ' ।
- ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ ୪.୦କୁ ଆଜି ନୂଆଦିଲ୍ଲୀରେ ଶୁଭାରମ୍ଭ କରିବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ।

ଏବଂ

- ଆଇ.ସି.ସି. ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ୨୦୨୫ ଟାଇଟଲ ହାସଲ କଲା ଭାରତ ।

# ଉତ୍ତରାଖଣ୍ଡ-ପ୍ରେସିଡେଣ୍ଟ

ଉତ୍ତରାଖଣ୍ଡକୁ ତିନି ଦିନିଆ ଗସ୍ତ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ପ୍ରଥମ ଦିନରେ ଡେରାଡୁନ୍ ଏବଂ ହରିଦ୍ୱାରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ହରିଦ୍ୱାର ସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ଭାରତର ମହାନ ବ୍ୟକ୍ତିତ୍ୱମାନେ ମାନବ ସଂସ୍କୃତିର ବିକାଶରେ ଅମୂଲ୍ୟ ଅବଦାନ ପ୍ରଦାନ କରିଛନ୍ତି । ମହର୍ଷି ପତଞ୍ଜଳୀ ଯୋଗ ମାଧ୍ୟମରେ ମନକୁ, ବ୍ୟାକରଣ ମାଧ୍ୟମରେ ବାଣୀକୁ ଏବଂ ଆୟୁର୍ବେଦ ମାଧ୍ୟମରେ ଶରୀରରୁ ଅସୁଦ୍ଧତାକୁ ଦୂର କରିଥିଲେ ।

**V/O-1-PRESIDENT**

ରାଷ୍ଟ୍ରପତି ମୁର୍ମୁ ଡେରାଡୁନ୍‌ର ରାଜପୁର ରୋଡ୍‌ରେ ନବନିର୍ମିତ ଫୁଟ୍ ଓଭର୍ ବ୍ରିଜ୍ ଏବଂ ରାଷ୍ଟ୍ରପତି ନିକେତନର ଘୋଡ଼ାଚଢ଼ା କ୍ରୀଡ଼ାଭୂମିକୁ ଉଦ୍‌ଘାଟନ କରିଛନ୍ତି । ୧୦୫ ଫୁଟ ଲମ୍ବ ଫୁଟ୍ ଓଭର୍ ବ୍ରିଜ୍, ରାଷ୍ଟ୍ରପତି ନିକେତନ ଏବଂ ନିର୍ମାଣାଧିନ ରାଷ୍ଟ୍ରପତି ଉଦ୍ୟାନ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିଛି । ପାରମ୍ପରିକ ସ୍ଥାପତ୍ୟରେ ଏହି ସେତୁ ନିର୍ମାଣ କରାଯାଇଛି । ରାଷ୍ଟ୍ରପତି ନିକେତନରେ ଆୟୋଜିତ ଆନ୍ତର୍ଜାତିକ ସାହିତ୍ୟ ସଂସ୍କୃତି ଏବଂ କଳା ମହୋତ୍ସବରେ ଅଂଶଗ୍ରହଣକାରୀଙ୍କ ସହ ରାଷ୍ଟ୍ରପତି ଭାବବିନିମୟ କରିଛନ୍ତି ।

ଉତ୍ତରାଖଣ୍ଡ ରାଜ୍ୟର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଡେରାଡୁନ୍‌ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନକୁ ରାଷ୍ଟ୍ରପତି ଆଜି ସମ୍ବୋଧନ କରିବେ । ନୈନିତାଲ ରାଜଭବନ ପ୍ରତିଷ୍ଠାର ୧୨୫ତମ ବାର୍ଷିକୀ ପାଳନ ସମାରୋହରେ ଆଜି ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

କୁମାୟୁଁରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଆସନ୍ତାକାଲି ରାଷ୍ଟ୍ରପତି ଯୋଗଦେବେ ।

## ପିଏମ୍-ଇଏସ୍‌ଟିଆଇସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ନବସୃଜନ ସମ୍ମିଳନୀ ଇ.ଏସ୍.ଟି.ଆଇ.ସି. ୨୦୨୫ର ଉଦ୍‌ଘାଟନ କରିବେ । ଏହି ଅବସରରେ ସମାବେଶକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଦେଶରେ ଗବେଷଣା ଏବଂ ବିକାଶ ଇକୋ ସିଷ୍ଟମ୍‌କୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଏକ ଲକ୍ଷ କୋଟି ଟଙ୍କାର ଗବେଷଣାବିକାଶ ଓ ନବସୃଜନ ଆର୍.ଡି.ଆଇ. ଯୋଜନା ପାଣ୍ଠି ଶୁଭାରମ୍ଭ କରିବେ । ଦେଶରେ ଘରୋଇ କ୍ଷେତ୍ର ପରିଚାଳିତ ଗବେଷଣା ଏବଂ ବିକାଶ ଇକୋସିଷ୍ଟମ୍‌କୁ ଏହା ସହଯୋଗ ପ୍ରଦାନ କରିବ । ତିନି ଦିନିଆ ଏହି ସମ୍ମିଳନୀରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଗବେଷଣା ପ୍ରତିଷ୍ଠାନ, ଶିଳ୍ପ ପ୍ରତିନିଧିଙ୍କ ସମେତ ତିନି ହଜାରରୁ ଅଧିକ ବ୍ୟକ୍ତିବିଶେଷ ଯୋଗଦେବେ । ସେମାନଙ୍କ ମଧ୍ୟରେ ପ୍ରଖ୍ୟାତ ବୈଜ୍ଞାନିକ, ନୋବେଲ ପୁରସ୍କାର ବିଜେତା, ନବସୃଜନକାରୀ ଓ ନୀତିନିର୍ଦ୍ଧାରକ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରସଙ୍ଗ ଆଧାରିତ ୧୧ଟି ପ୍ରମୁଖ କ୍ଷେତ୍ର ଉପରେ ଏହି ସମ୍ମିଳନୀ ଅବସରରେ ମତ ବିନିମୟ ହେବାର ଆଶା କରାଯାଉଛି । ଦେଶରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଇକୋ ସିଷ୍ଟମ୍‌କୁ ସୁଦୃଢ଼ କରିବା ଏବଂ ଏ କ୍ଷେତ୍ରରେ କାର୍ଯ୍ୟରତ ଗବେଷକ, ଶିଳ୍ପ କ୍ଷେତ୍ର ଏବଂ ଯୁବ ଉଦ୍ଭାବକଙ୍କ ମଧ୍ୟରେ ସମନ୍ୱୟ ପ୍ରଦାନ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ।

# ଭିପି-କେରଳ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜିଠାରୁ ଦୁଇଦିନିଆ କେରଳ ଗସ୍ତରେ ଯାଇ ଥିରୁବନନ୍ତପୁରମ୍‌ଠାରେ ପହଞ୍ଚିବେ । ଦାୟିତ୍ୱ ଗ୍ରହଣ କରିବା ପରେ ଉପରାଷ୍ଟ୍ରପତିଙ୍କର ଏହା ପ୍ରଥମ କେରଳ ଗସ୍ତ । ଏହି ଗସ୍ତ ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍ କୋଲ୍ଲାମ୍ ସ୍ଥିତ ଫାତିମାମାତା ନ୍ୟାସନାଲ୍ କଲେଜ୍‌ର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । କୋଲ୍ଲାମ୍ ଠାରେ ଭାରତୀୟ କତା ରପ୍ତାନୀ ସଂଘର ସଦସ୍ୟମାନଙ୍କ ସହ ଉପରାଷ୍ଟ୍ରପତି ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଥିରୁବନନ୍ତପୁରମ୍ ସ୍ଥିତ ଶ୍ରୀ ଚିତ୍ରା ତିରୁନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ମେଡିକାଲ୍ ସାଇନ୍ସ ଏବଂ ଟେକ୍ନୋଲୋଜି ପ୍ରତିଷ୍ଠାନ ଆସନ୍ତାକାଲି ଉପରାଷ୍ଟ୍ରପତି ପରିଦର୍ଶନ କରିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

# ରାଜସ୍ଥାନ-ରୋଡ୍ ଆକ୍ସିଡେଣ୍ଟ

ରାଜସ୍ଥାନର ଫଲୋଡ଼ି ଜିଲ୍ଲା ଅନ୍ତର୍ଗତ ମାଥୋଡ଼ା ପୁଲିସ୍ ଷ୍ଟେସନ୍ ଅଞ୍ଚଳରେ ଗତକାଲି ଏକ ସଡ଼କ ଦୁର୍ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ମାଲ୍ ବୋଝେଇ ଟ୍ରକ୍‌କୁ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଛି । ଆହତ ଯାତ୍ରୀଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତର ଆହତଙ୍କୁ ଯୋଧପୁର ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି । ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା

ସହ ଆହତଙ୍କ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଇସ୍ରୋ

ଆନ୍ଧ୍ରପ୍ରଦେଶର ଶ୍ରୀହରି କୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଦେଶର ସବୁଠାରୁ ଭାରି ଯୋଗାଯୋଗ ଉପଗ୍ରହ 'ସି.ଏମ୍.ଏସ୍.-ଜିରୋ ଥ୍ରୀ' (ଜି-ସାଟ୍ ସେଭେନ୍ ଆର୍) ସଫଳତାର ସହ ଉତ୍କ୍ଷେପଣ କରାଯାଇଛି । ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ ପକ୍ଷରୁ ଗତ ସନ୍ଧ୍ୟାରେ ଏହା ଉତ୍କ୍ଷେପିତ ହୋଇଛି । ନୌସେନା ପାଇଁ ସବୁଠାରୁ ଉନ୍ନତ ଯୋଗାଯୋଗ ଏହି ଉପଗ୍ରହକୁ ଏଲ୍.ଭି.ଏମ୍.ଥ୍ରୀ-ଏମ୍. ପାଇଭ୍ ରକେଟ୍ ଯୋଗେ ଉତ୍କ୍ଷେପଣ କରାଯାଇଥିଲା । ସଫଳତାର ସହ ନିର୍ଦ୍ଧାରିତ କକ୍ଷପଥରେ ଏହା ଅବସ୍ଥାପିତ ହୋଇଥିବା ଜଣାପଡ଼ିଛି । ଉପଗ୍ରହକୁ ଜିଓ ସିଂକ୍ରୋନାସ୍ ଟ୍ରାନ୍ସଫର୍ ଅର୍ବିଟ୍‌ରେ ପୃଥକୀକରଣ କରାଯାଇଛି । ପ୍ରାୟ ୪ ହଜାର ୪୦୦ କିଲୋଗ୍ରାମ ଓଜନ ବିଶିଷ୍ଟ ଏହି ଉପଗ୍ରହ ଭାରତ ଏବଂ ନିକଟବର୍ତ୍ତୀ ସମୁଦ୍ର ଅଞ୍ଚଳରେ ବହୁମୁଖୀ ଯୋଗାଯୋଗ ସେବା ପ୍ରଦାନ କରିବ । ନାଗରିକ ଏବଂ ରଣନୈତିକ ବ୍ୟବହାର ପାଇଁ ଏହି ଉପଗ୍ରହ ସୁରକ୍ଷିତ ତଥ୍ୟ, ଦୃଶ୍ୟ ଓ ସ୍ରାବ୍ୟ ଯୋଗାଯୋଗକୁ ବୃଦ୍ଧି କରିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସଫଳତା ପାଇଁ ଭାରତୀୟ ମହାକାଶ ଗବେଷଣା ସଂଗଠନକୁ ଅଭିନନ୍ଦନ ଜଣାଇଛନ୍ତି । ଭାରତର ମହାକାଶ କ୍ଷେତ୍ର ଉତ୍କୃଷ୍ଟତା ଏବଂ ନବସୃଜନକୁ ପ୍ରମାଣିତ କରିଛି ବୋଲି ପ୍ରଧାନମନ୍ତ୍ରୀ ସାମାଜିକ

ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ସଫଳତା ପାଇଁ ଇସ୍ରୋକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ସିଂହ କହିଛନ୍ତି, ଅଦମ୍ୟ ଚେଷ୍ଟା ଏବଂ ନିରନ୍ତର ପରିଶ୍ରମ ବଳରେ ଇସ୍ରୋ ଦେଶର ମହାକାଶ କ୍ଷେତ୍ର ପାଇଁ ସଫଳତା ହାସଲ କରୁଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେଗତ ପହିଲାରୁ ଲାଗୁ ହୋଇଥିବା **ବ୍ୟାଙ୍କିଙ୍ଗ୍ ସଂଶୋଧନ ଆଇନ୍ ୨୦୨୫** ଉପରେ ଆଲୋଚନାର ପ୍ରଚାର କରାଯିବ । ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ଆଣ୍ଡ ଫାଇନାନ୍ସର ଆଞ୍ଚଳିକ ମୁଖ୍ୟ ତଥା ପୂର୍ବତନ ବରିଷ୍ଠ ବ୍ୟାଙ୍କିଙ୍ଗ୍ ବୃତ୍ତିଗତ ପ୍ରଫେସର ଡକ୍ଟର ନରିନ୍ଦର କୁମାର ଭାସିନ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481, 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଜିତେନ୍ଦ୍ର ସିଂହ

ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବାକୁ ଥିବା ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ ଚତୁର୍ଥ ପର୍ଯ୍ୟାୟ ଅନ୍ତର୍ଗତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର କୁମାର ସିଂହ ଯୋଗଦେବେ । କାର୍ମିକ, ଜନଅଭିଯୋଗ ଏବଂ ପେନ୍‌ସନ୍ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ୨ହଜାରରୁ ଅଧିକ ସହରରେ ଆଉଟ୍‌ରିଚ୍ ପଦ୍ଧତି ମାଧ୍ୟମରେ ୨ କୋଟିରୁ ଅଧିକ ପେନ୍‌ସନ୍ ଭୋଗୀଙ୍କ ପାଖରେ ପହଞ୍ଚିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍ ପକ୍ଷରୁ ନୂଆଦିଲ୍ଲୀରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମନ୍ତ୍ରଣାଳୟ କହିଛି, ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ମୁଖ ଆଧାରିତ ଚିହ୍ନଟ ପ୍ରକ୍ରିୟାକୁ ଏହି ଅଭିଯାନ ଗୁରୁତ୍ୱ ପ୍ରଦାନ କରିବ । ବାୟୋମେଟ୍ରିକ୍ ପ୍ରକ୍ରିୟା ବିନା ସୁବିଧାଜନକ ଭାବରେ ପେନ୍‌ସନ୍‌ଭୋଗୀଙ୍କୁ ଜୀବନପ୍ରମାଣପତ୍ର ପ୍ରଦାନ କରିବା ପାଇଁ ଏହି ଅଭିଯାନ ସହଯୋଗ ପ୍ରଦାନ କରିବ । ବିଭିନ୍ନ ଜାତୀୟକରଣ ବ୍ୟାଙ୍କ୍, ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ୍, ରେଳବାଇ ଏବଂ ପେନସନ୍‌ଭୋଗୀ କଲ୍ୟାଣ ସଂଘ, ଏନ୍.ଆଇ.ସି., ୟୁ.ଆଇ.ଡି.ଏ.ଆଇ. ଆଦି ପ୍ରମୁଖ ଅଂଶିଦାର ଏହି ଅଭିଯାନରେ ସାମିଲ ହେବେ ।

## ମହିଳା କ୍ରିକେଟ୍-ୱାର୍ଲ୍ଡକପ୍

ଭାରତ ଆଇ.ସି.ସି. ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ୨୦୨୫ ଟାଇଟଲ ହାସଲ କରିଛି । ନଭି ମୁମ୍ବାଇର ଡିୱାଇ ପାଟିଲ୍ ଷ୍ଟାଡିୟମ୍ ଠାରେ

ଗତକାଲି ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୫୨ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୫୦ ଓଭରରେ ଭାରତ ୭ ଓ୍ୱିକେଟ୍ ବିନିମୟରେ ୨୯୮ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ସେଫାଳୀ ବର୍ମା ଓ ଦୀପ୍ତି ଶର୍ମା ଅର୍ଦ୍ଧଶତକ ହାସଲ କରିଥିଲେ ।

୨୯୯ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ସମସ୍ତ ଓ୍ୱିକେଟ୍ ହରାଇ ୨୪୬ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଅଧିନାୟକ ଲୌରା ଓ୍ୱୋଲୋଭାର୍ଡଟ ଶତକ ହାସଲ କରିଥିଲେ । ଭାରତ ପ୍ରଥମଥର ପାଇଁ ଏହି ଟାଇଟଲ ହାସଲ କରିଛି । ପୂର୍ବରୁ ଚାରିଥର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲେ ମଧ୍ୟ ଭାରତ ଟାଇଟଲ ହାସଲ କରିପାରି ନ ଥିଲା । ସେଫାଳି ବର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଏବଂ ଦୀପ୍ତି ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚନା କରାଯାଇଛି ।

ଏହି ବିଜୟ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟାଙ୍କ ସମେତ ବହୁ ବିଶିଷ୍ଟ ନେତା, ପୂର୍ବତନ କ୍ରିକେଟ୍ ଖେଳାଳି ଏବଂ ସମାଜର ବିଭିନ୍ନ ବର୍ଗର ଲୋକ ଭାରତୀୟ ମହିଳା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।